# ଆଜି ଅନୁଗୋଳରୁ ୨ଜଣ କରୋନା ପଜିଟିଭ ଚିହ୍ନଟ ।

## ପଜିଟିଭ ସଂଖ୍ୟା ୬୬ ରେ ପହଞ୍ଚିଲା ।

ଅନୁଗୋଳ,୨୯.୬ :- ଆଠମଲ୍ଲିକ ବ୍ଲକ୍ ଅନ୍ତର୍ଗତ ଏକ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରୁ ଜଣେ ୨୧ ବର୍ଷିୟ ଯୁବକ କରୋନା ଆକ୍ରାନ୍ତ ହୋଇଥିବାର ରିପୋର୍ଟ ଆସିଛି । ଚଳିତ ମାସ ୨୫ ତାରିଖରୁ ଏହି ଯୁବକ ତାମିଲନାଡୁରୁ ଆସି ସଙ୍ଗରୋଧରେ ଥିଲେ ଏବଂ ତାଂକର ସ୍ୱାବ ନମୁନାରୁ ପଜିଟିଭ ଜଣାପଡିଛି । ତାଂକର କୌଣସି କରୋନା ଲକ୍ଷଣ ନ ଥିଲା । ଆଜି ତାଂକୁ ତାଳଚେର କୋଭିଡ ହସପିଟାଲକୁ ସ୍ଥାନାନ୍ତର କରାଯାଇଛି । ସେହିପରି ବଅଁରପାଳ ବ୍ଲକ୍ ଅଂଚଳର ଏକ ୫୨ ବର୍ଷିୟ ବ୍ୟକ୍ତି କଟକର ଏକ ସରକାରୀ ହସପିଟାଲରେ ଚିକିତ୍ସିତ ହେଉଥିବା ସମୟରେ ତାଂକର ସ୍ୱାବ ପରିକ୍ଷାରୁ ପଜିଟିଭ ଜଣାପଡିଛି । ଏହି ୨ ଜଣ ପଜିଟିଭକୁ ମିଶାଇ ଜିଲ୍ଲାରେ ବର୍ତ୍ତମାନ ଆକ୍ରାନ୍ତଂକ ସଂଖ୍ୟା ୬୬ ରେ ପହଂଚିଛି । ଏହାଛଡା ଆଜି ୪ ଜଣ ସୁସ୍ଥ ହୋଇ କରୋନା କେୟାର ସେଣ୍ଟରକୁ ସ୍ଥାନାନ୍ତର ହୋଇଥିବା ବେଳେ ପୂର୍ବରୁ କଣିହାଁର ଏକ ଶିଳ୍ପ ସଂସ୍ଥାରେ ଚିକିତ୍ସିତ ହୋଇଥିବା ଜଣେ ମହିଳା ଓ ତାଳଚେର କୋଭିଡ ହସପିଟାଲରୁ ଜଣେ ଡାକ୍ତର ପଜିଟିଭ ହେବା ପରେ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହୋଇ ସୁସ୍ଥ ହୋଇଛନ୍ତି । ଏହି ୬ଜଣ ସୁସ୍ଥଙ୍କୁ ମିଶାଇ ବର୍ତ୍ତମାନ ୫୪ ଜଣ ସୁସ୍ଥ ହୋଇଛନ୍ତି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୪୧୪ ତା.୨୯.୬.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।